
# ଜିଆଖତ:

**ପ୍ରସ୍ତୁତି ପ୍ରଣାଳୀ:**

ଜିଆ ଖତ କରିବା ପାଇଁ ବିଭିନ୍ନ ତରିକାମାନ ଅଛି । ଯାହା ଆମେ ସିମେଣ୍ଟ କୁଣ୍ଡ ମାଧ୍ୟମରେ କରିପାରିବା କିମ୍ବା ବଜାରରେ ମିଳୁଥିବା ପ୍ଲାଷ୍ଟିକ୍ ବ୍ୟାଗରେ କରିପାରିବା । କୃଷି ବିଜ୍ଞାନ କେନ୍ଦ୍ର ନିୟମ ଅନୁଯାଇ ଗୋଟିଏ ଜିଆଖତ କୁଣ୍ଡର ଲମ୍ବ ୧୦-୧୫ ଫୁଟ୍, ପ୍ରସ୍ଥ-୩.୫ ଫୁଟ୍, ଉଚ୍ଚତା- ୨.୫ ଫୁଟ୍ ହେବାର ଆବଶ୍ୟକତା ଅଛି ।

**ଆବଶ୍ୟକୀୟ ସାମଗ୍ରୀ:**

୧. ଛୋଟ ଛୋଟ ଇଟା ଖଣ୍ଡ,
୨. ବାଲି,
୩. ପଟୁମାଟି/ ଉଇହୁଙ୍କା ମାଟି,
୪. ଅଧା ସଡା ଗୋବର,
୫. ଶୁଖିଲା ପତ୍ର ବା ଫସଲର ଅବଶେଷ,
୬. ଛୋଟ ଅଖା




**ଉପକାର:**

- ୬୦ ଦିନ ମଧ୍ୟରେ ଖତ ତିଆରି ହୁଏ
- ଅମଳ ବଢାଏ
- ଜିଆର ବଂଶ ବୃଦ୍ଧି ହୁଏ
- ପରିବେଶ ଦୂଷିତ ହୁଏ ନାହିଁ
- ମୃତ୍ତିକାର ଉର୍ବରତା ଶକ୍ତି ବଢାଏ




**ସତର୍କତା:**

- ଜିଆଖତ କୁଣ୍ଡରେ ପଲିଥିନ୍, କାଚ, ପିନ୍‌କଣ୍ଟା ଓ ଜିଆକୁ ନଷ୍ଟକଲାଭଳି କୌଣସି ପଦାର୍ଥ ପକାନ୍ତୁ ନାହିଁ
- ଜନ୍ତା ଓ ପିମ୍ପୁଡି ଖାତ ଭିତରକୁ ନଯିବା ପାଇଁ ଚାରିପଟେ ପାଣିଧାର ରହିବା ଦରକାର ।
- ମୂଷା ଯେମିତି ନଯାଆନ୍ତି ସେଥିପାଇଁ ଧ୍ୟାନ ଦେବା ଉଚିତ୍ ।

# ଔଷଧୀୟ ହାଣ୍ଡିଖତ:

**ଆବଶ୍ୟକୀୟ ସାମଗ୍ରୀ:**

- ଗୋଟିଏ ମାଟି ହାଣ୍ଡି ବା ମାଠିଆ
- ସଜ ଗାଈ ଗୋବର ୧ କି.ଗ୍ରା.
- ଗାଈ ମୁତ ୩/୫ ଲିଟର (କେବଳ ଗାଈ ମୁତ)
- ନିମ ପତ୍ର ୧ କି.ଗ୍ରା.
- କରଞ୍ଜ ପତ୍ର ୧ କି.ଗ୍ରା.
- ଅରଖ ପତ୍ର ୧ କି.ଗ୍ରା.
- ଦେଶି ଗୁଡ ୫୦ ଗ୍ରାମ
- ରସୁଣ ୫୦ ଗ୍ରାମ
- ହଳଦି ଗୁଣ୍ଡ ୫୦ ଗ୍ରାମ
- ହାଣ୍ଡି/ମାଠିଆ ର ମୁହଁ ବାନ୍ଧିବା ପାଇଁ ମୋଟା ପଲିଥିନ ଗୋଟେ
- ହାଣ୍ଡି/ମାଠିଆ ର ମୁହଁ ବାନ୍ଧିବା ପାଇଁ ୧ ମିଟର ଦଉଡି




**ପ୍ରସ୍ତୁତି ପ୍ରଣାଳୀ:**

ସବୁପତ୍ରକୁ ଛୋଟ ଛୋଟ କରି ଛିଡାଇଦବା ବା ଛେଚି ଦେବା । ମାଟି ହାଣ୍ଡି ବା ମାଠିଆ ରେ ପ୍ରଥମେ ଗୋବର,ଗୋମୂତ୍ର, ଗୁଡ, ରସୁଣ ଓ ହଳଦିଗୁଣ୍ଡ କୁ ଏକାଠି ଭଲଭାବରେ ମିଶାଇବା ପରେ ଗୁଣ୍ଡ ପତ୍ରକୁ ଭଲଭାବେ ମିଶାଇଦେବା । ସମସ୍ତ ପଦାର୍ଥ ମିଶିଗଲାପରେ ମାଟି ହାଣ୍ଡି ବା ମାଠିଆ ମୁହଁ କୁ ଭଲଭାବେ ବାନ୍ଧି ଛାଇ ଜାଗାରେ ରଖିଦେବା ।

**ବ୍ୟବହାର:**

- ୧୫ ଦିନ ପରେ ହାଣ୍ଡିରୁ ଔଷଧ ଛାଣି ବାହାର କାରିବେ ।
- ୪ଲିଟର ପାଣି ରେ ଛାଣି ବାହାର କରିଥିବା ହାଣ୍ଡି ଖତ ୧ ଲିଟର କୁ ମିଶାଇ ଛିଞ୍ଚି ପାରିବେ ବା ଗଛ ମୂଳରେ ଦେଇ ପାରିବେ ।
- ହାଣ୍ଡିରେ ଥିବା ଔଷଧ ରେ ପୂର୍ଣ ୫/୬ ଲିଟର ଗୋମୂତ୍ର ମିଶାଇ ପୁଣି ମୁହଁ ବାନ୍ଧି ଦେଇ ୬ ଦିନ ପରେ ବାହାର କରିବେ ।
- ଏହି ପରି ପ୍ରତି ସପ୍ତାହ ରେ ୫ ଲିଟର ଔଷଧ ମିଳିବ ।
- ଏହି ପରି ଥରେ ଗୋଟିଏ ହାଣ୍ଡି ବାନ୍ଧିଲେ ୬୦/୮୦ ଲିଟର ଔଷଧ ମିଳିପାରିବ ।

# ବୀଜାମୃତ:

**ଆବଶ୍ୟକୀୟ ସାମଗ୍ରୀ:**

- ୧୦ ଲିଟର୍ କ୍ଷମତା ବିଶିଷ୍ଟ ଏକ ବାଲ୍‌ଟି ବା କୁଣ୍ଡ
- ୪ ଲିଟର୍ ପାଣି
- ୧ କି.ଗ୍ରା. ଦେଶୀ ଗାଈ ଗୋବର
- ୧ ଲିଟର୍ ଦେଶୀ ଗୋମୂତ୍ର
- ୧୦ ଗ୍ରାମ୍ ଚୂନ
- ୧ ମୁଠା ଉଇହୁଙ୍କା ବା ବନ୍ଧ ପାଖ ମାଟି

**ପ୍ରସ୍ତୁତି ପ୍ରଣାଳୀ:**

ଏକ ପାତ୍ରରେ ୪ ଲିଟର୍ ପାଣି ନିଅନ୍ତୁ । ୧ କି.ଗ୍ରା. ଦେଶୀ ଗାଈ ଗୋବରକୁ ଏକ ସୂତା କପଡାରେ ଭଲଭାବେ ବାନ୍ଧି ଏହି ପାଣିରେ ୧୨ ଘଣ୍ଟା ପର୍ଯ୍ୟନ୍ତ ବୁଡାଇ ରଖନ୍ତୁ । ପରଦିନ ସକାଳେ ଏହି ପୁଟୁଳିକୁ ଭଲଭାବେ ଚିପୁଡି ଦିଅନ୍ତୁ , ଯେପରି ଗୋବରର ସାରାଂଶ ଭଲଭାବେ ପାଣିରେ ମିଶିଯିବ । ୫୦ ମି.ଲି. ପାଣିରେ ୧୦ ଗ୍ରାମ ଚୂନ ମିଶାଇ ଗୋଟେ ରାତି ରଖନ୍ତୁ । ଗୋବର ମିଶ୍ରିତ ପାଣିରେ ଏକ ମୁଠା ଉଇହୁଙ୍କା ମାଟି ବା ବନ୍ଧପାଖ ମାଟି ଭଲଭାବେ ମିଶାଇ ଦିଅନ୍ତୁ । ଏହି ମିଶ୍ରଣରେ ୧ ଲିଟର୍ ଦେଶୀ ଗୋମୂତ୍ର ଓ ଚୂନ ମିଶା ପାଣିକୁ ମିଶାଇ ଦିଅନ୍ତୁ ଓ ଭଲଭାବେ ଘାଣ୍ଟି ଦିଅନ୍ତୁ ।

**ବ୍ୟବହାର:**

ଯେକୌଣସି ଫସଲର ବିହନକୁ ଏକ ପାତ୍ରରେ ରଖି ଏହା ଉପରେ ବୀଜାମୃତ ପକାଇ ହାତରେ ଭଲଭାବେ ମିଶାଇ ଛାଇରେ ଶୁଖାଇ ଦିଅନ୍ତୁ । ଏହାପରେ ବିହନ ବୁଣିବା ପାଇଁ ପ୍ରସ୍ତୁତ ହୋଇଯାଏ ।

# ଜୈବିକ ୟୁରିଆ:

**ପ୍ରସ୍ତୁତି ପ୍ରଣାଳୀ:**

ଏକ କୁଣ୍ଡରେ ବାଲି ପୂର୍ଣକରି ଦିଅନ୍ତୁ । ୨୦ ଦିନ ପର୍ଯ୍ୟନ୍ତ ଏଥିରେ ୫ ଲିଟର୍ ଗୋମୂତ୍ର ମିଶାନ୍ତୁ । ଏହାକୁ ୩୦ ଦିନ ଘୋଡାଇ ରଖିଲେ ଏହା କଳା ରଙ୍ଗର ଜୈବିକ ଖତରେ ପରିଣତ ହୋଇଯାଏ । ଏହି ଖତରେ ଯବକ୍ଷାରଜାନର ପରିମାଣ ଓ ଉପକାରିତାକୁ ଦେଖି ଏହାକୁ ଜୈବିକ ୟୁରିଆ କୁହାଯାଇଥାଏ ।

**ବ୍ୟବହାର:**

ଏହାକୁ ଏକର ପିଚ୍ଛା ୨୦୦ କି.ଗ୍ରା ହିସାବରେ ପ୍ରୟୋଗ କରନ୍ତୁ । ଏହା ଗଛ ବୃଦ୍ଧିରେ ସହାୟକ ହୋଇଥାଏ ।

# ବ୍ରହ୍ମାସ୍ତ୍ର:

**ଆବଶ୍ୟକୀୟ ସାମଗ୍ରୀ:**

- ଏକ ବଡ ବାଲ୍‌ଟି
- ୬୦୦ ମି.ଲି. ଦେଶୀ ଗୋମୂତ୍ର
- ୧୦୦ ମି.ଲି. ନିମ ତେଲ
- ୧୦୦ ମି.ଲି. ତମାଖୁ ପତ୍ର ପାଣି
- ୧୦ ଗ୍ରାମ ହେଙ୍ଗୁ
- ୧୦୦ ଗ୍ରାମ ଅଦା ବଟା
- ୧୦୦ ଗ୍ରାମ ରସୁଣ ବଟା
- ୧୦୦ ଗ୍ରାମ କଞ୍ଚା ଲଙ୍କା ବଟା

**ପ୍ରସ୍ତୁତି ପ୍ରଣାଳୀ:**

ଏକ ପାତ୍ରରେ ୬୦୦ ମି.ଲି. ଦେଶୀ ଗୋମୂତ୍ର, ୧୦୦ ମି.ଲି. ନିମ ତେଲ, ୧୦୦ ମି.ଲି. ତମାଖୁ ପତ୍ର ପାଣି, ୧୦ ଗ୍ରାମ ହେଙ୍ଗୁ, ୧୦୦ ଗ୍ରାମ ଅଦା ବଟା,୧୦୦ ଗ୍ରାମ ରସୁଣ ବଟା, ୧୦୦ ଗ୍ରାମ କଞ୍ଚା ଲଙ୍କା ବଟା ମିଶାଇ ୬ ଘଣ୍ଟା ରଖି ଦିଅନ୍ତୁ । ଏହାପରେ ୧୦ ଲିଟର୍ ପାଣିରେ ୫ ଗ୍ରାମ ସର୍ଫ ମିଶାଇ ଏକ କାଠିରେ ଭଲଭାବେ ମିଶାଇ ଉପରୋକ୍ତ ମିଶ୍ରଣକୁ ବ୍ୟବହାର କରନ୍ତୁ ।

**ବ୍ୟବହାର:**

ଗଛ ଲଗାଇବାର ୧୫-୪୦ ଦିନ ମଧ୍ୟରେ ୧୦୦ ମି.ଲି. ପ୍ରତି ୫ ଲିଟର୍ ପାଣିରେ ମିଶାଇ ସନ୍ଧ୍ୟା ସମୟରେ ଛିଞ୍ଚନ୍ତୁ । ଏହା ସମସ୍ତ ପ୍ରକାର ଶୋଷକ ପୋକ, ଫଳବିନ୍ଧା ପୋକ ଆଦି ନିୟନ୍ତ୍ରଣ କରିବାରେ ସାହାଯ୍ୟ କରିଥାଏ ।

## ଆଜଲା ଓ ନୀଳହରିତ୍ ଶୈବାଳ:

- ଧାନ କିଆରିରେ ଆଜୋଲା ବା ନୀଳହରିତ୍ ଶୈବାଳ ବ୍ୟବହାର କରାଯାଇପାରିବ।
- ଧାନ ରୋଇବାର ଏକ ସପ୍ତାହ ପରେ ଏକର ପ୍ରତି ୪-୬ କ୍ୱିଣ୍ଟାଲ୍ ଆଜୋଲା ବା ୪-୬ କି.ଗ୍ରା. ନୀଳହରିତ୍ ଶୈବାଳ ପ୍ରୟୋଗ କରିବାକୁ ହେବ।
- ଜମିରେ ୨-୩ ଇଞ୍ଚ ଠିଆ ପାଣି ରଖିବାକୁ ପଡିବ।
- ୨-୩ ସପ୍ତାହପରେ ଏହା କିଆରି ସାରା ମାଡିଯାଇଥିଲେ ପାଣି ନିଗାଡି ଦେବାକୁ ପଡିବ।
- ଏହା ମାଟି ସହିତ ମିଶି ସଢିଯିବ ଓ ଜମିକୁ ଉର୍ବର କରିବ।
- ଏହା ଏକ ଏକର ଜମିରେ ପ୍ରାୟ ୧୦-୧୨ କି.ଗ୍ରା. ଯବକ୍ଷାରଜାନ ସାର ମିଳିପାରିବ।

## ସବୁଜ ସାର:

- ସବୁଜ ସାର ଚାଷ ଦ୍ୱାରା ମାଟିର ଉର୍ବରତା ବୃଦ୍ଧି କରାଇଥାଏ।
- ଧଣିଚା, ମୁଗ, ବିରି, କୋଳଥ, ଝୁଡଙ୍ଗ, ଶିମ୍ବ, ଗୁଆଁର ଆଦି ସବୁଜ ସାର ପାଇଁ ଚାଷ କରାଯାଇଥାଏ।
- ଗିରିସିକିଆ, କରଞ୍ଜ ଆଦି ଗଛର ପତ୍ରକୁ ସବୁଜ ସାର ଭାବେ ବ୍ୟବହାର କରାଯାଇଥାଏ।
- ଧାନ ବୁଣିବାବେଳେ ଏକର ପ୍ରତି ୧୬ କି.ଗ୍ରା. ଧଣିଚା ମଞ୍ଜି ବୁଣାଯାଏ। ବେଉଷଣ ବେଳେ ହଳକଲେ ଏହା ମାଟିରେ ମିଶିଯାଏ।
- ତଳି ପକାଇବା ବେଳେ ମୁଖ୍ୟ ଜମିରେ ଧଣିଚା ବୁଣାଯାଏ, କାଦୁଅ କଲାବେଳେ ଏହା ମାଟିରେ ମିଶିଯାଏ।
- ଫୁଲ ଆସିବା ସମୟରେ ଧାଣିଚାକୁ ହଳକରି ମାଟିରେ ମିଶାଇବା ଭଲ। ଏହା ଦ୍ୱାରା ଏକର ପ୍ରତି ୬-୮ ଟନ୍ ସବୁଜ ଖତ ମିଳିପାରିବ।
- ଅମଳ ପରେ ଝୁଡଙ୍ଗ, ଶିମ୍ବ, ଗୁଆଁର ଅଦି ଗଛକୁ ହଳକରି ମାଟିରେ ମିଶାଇ ଦିଆଯାଏ ଯାହା ସବୁଜ ସାର ହିସାବରେ ମାଟିର ଉର୍ବରତାକୁ ବଢାଇ ଥାଏ।

## ଖଜରା ବା ହଦରୀ ଖତ:

**ଖଜରା ବା ହଦରୀ ଖତ**

ଏହା ଏକ ଜୈବିକ ଖତ ବା ସାର, ସବୁ ଫସଲରେ ତଥା ଫଳ ଗଛ ପାଇଁ ଅତି ଦରକାରି ସାର ବା ଖତଅଟେ। ଗୁହାଳ ସଫା କଲା ବେଳେ ଗୁହାଳରୁ ବାହାରୁଥିବା ଅଳ୍ପ ମୁତ ମିଶା ମାଟିକୁ ଖଜରା ବା ହଦରୀ କହନ୍ତି।

**ପ୍ରସ୍ତୁତି ପ୍ରଣାଳୀ/ ବ୍ୟବହାର:**

- ଏକ ଏକର ପାଇଁ ପ୍ରାୟ ୧୫-୨୦ କେଜି ଖଜରା ବା ହଦରି ସହିତ ସମାନ ପରିମାଣର ଉଇହୁଙ୍କା ମାଟି/ ବରଗଛ ତଳରମାଟି କୁ ଭଲ ଭାବେ ମିଶାଇ ଦିଅନ୍ତୁ / ଏହାକୁ ଜମିରେ ବତର ବା ପାଣଥିଁ ଲେ ପକାନ୍ତୁ।
- ପନିପରିବା ଫସଲରେ ଗଛକୁ ଛାଡି ଟିକିଏ ଦୂରରେ ପକାନ୍ତୁ।
- ଫଳ ଗଛରେ, ଗଛ ଚାରିପଟେ କିଛି ଦୂରରେ ଖାଲ ଖୋଳି ସେଥିରେ ପକାନ୍ତୁ।
- ଧାନ ଫସଲ ଜମିରେ ପାଣିଥିଲେ ଅଳ୍ପଅଳ୍ପ ଛିଞ୍ଚି ଦିଅନ୍ତୁ।
- ଜମିରେ ପ୍ରତି ୨୦/୨୫ ଦିନ ଅନ୍ତର ରେ ୨ ଥର ପକାଇଲେ କୈଣସି ସାର ର ଆବଶ୍ୟକ ନାହିଁ।

## ମାଛ ଟନିକ୍:

**ଆବଶ୍ୟକୀୟ ସାମଗ୍ରୀ:**

ମାଛର କାତି ଏବଂ ପୁଟା- ୧ କି.ଗ୍ରା

କଠିନ ଗୁଡ- ୨୦୦ ଗ୍ରାମ

ପ୍ରସ୍ତୁତି ପ୍ରଣାଳୀ: ଏକ ଡବା କିମ୍ବା ମାଟିର ମାଠିଆରେ ୧ କି.ଗ୍ରା ମାଛର କାତି ଏବଂ ପୁଟା ନେଇ ସେଥିରେ ୨୦୦ ଗ୍ରାମ ଗୁଡକୁ ଭଲଭାବରେ ମିଶାଇବା।ଏହି ମିଶଣ ଥିବା ପାତ୍ରକୁ ଭଲଭାବରେ ମୁହଁ ବନ୍ଧକରି ୩୦ ଦିନ ରଖିବା। ୩୦ ଦିନ ପରେ ଏହା ତରଳ ପଦାର୍ଥରେ ପରିଣତ ହେଇଯିବ। ଏହା ବ୍ୟବହାର ଉପଯୋଗୀ ହୋଇଗଲା।

ବ୍ୟବହାର: ୧୦ ମି.ଲି ମାଛ ଟନିକ୍‌ରେ ୧୦ ଲିଟର ପାଣି ମିଶାଇ ଏହାକୁ ବିଭିନ୍ନପ୍ରକାର ପନିପରିବା, ଧାନ, ମାଣ୍ଡିଆ ଏବଂ ଗହମରେ ସ୍ପ୍ରେ କରିଲେ ବିଭିନ୍ନପ୍ରକାର ପୋକକୁ ନିୟନ୍ତ୍ରଣ କରାଯାଇପାରିବ।

## ଜୀବାଣୁ ସାର

- ଯବକ୍ଷାର ବିବନ୍ଧନ ପାଇଁ ଡାଲିଜାତୀୟ ଫସଲରେ ରାଇଜୋବିୟମ ଜୀବାଣୁ ବ୍ୟବହାର କରାଯାଏ।
- ଅନ୍ୟାନ୍ୟ ଫସଲରେ ଆଜୋଟୋବ୍ୟାକ୍ଟର୍ ଓ ଆଜୋସ୍ପିରିଲମ୍ ବ୍ୟବହାର କରାଯାଏ। ଏହା ଏକର ପ୍ରତି ପ୍ରାୟ ୧୦ କି.ଗ୍ରା. ଯବକ୍ଷାର ସାର ମିଳିପାରିବ।
- ମାଟିରେ ଥିବା ଫସ୍‌ଫରସ୍ ସାରକୁ ଦ୍ରବୀଭୂତ କରି ଗଛକୁ ଯୋଗାଇବା ପାଇଁ ଫସଫୋକଲ୍‌ଚର (ପିଏସ୍‌ବି) ବ୍ୟବହାର କରାଯାଏ।
- ଏକର ପ୍ରତି ପ୍ରାୟ ୨୦୦-୨୫୦ ଗ୍ରାମ ଜୀବାଣୁ କଲ୍‌ଚର୍ ଆବଶ୍ୟକ ହୋଇଥାଏ।
- ବୁଣିବା ପୂର୍ବରୁ ମଞ୍ଜିରେ ଗୋଳାଇ ଏସବୁ ଜୀବାଣୁକୁ ବ୍ୟବହାର କରିବାକୁ ପଡିବ।
- ଖତ ସହ ମିଶାଇ ବା ଚାରା ଗଛର ଚେର ବୁଡାଇ ମଧ୍ୟ ଏହାକୁ ବ୍ୟବହାର କରାଯାଇପାରିବ।
- ଜୀବାଣୁ କଲ୍‌ଚର ବ୍ୟବହାର ସମୟରେ ମାଟି ଓଦା ଥିଲେ ଭଲ।


**ଦିବ୍ୟ ଜ୍ୟୋତି ମହିଳା ବିକାଶ**

ଗ୍ରାମ/ପୋଷ୍ଟ : ମାର୍କଣ୍ଡି, ଥାନା : ବ୍ରହ୍ମପୁର,
ଜିଲ୍ଲା-ଗଞ୍ଜାମ, ଓଡ଼ିଶା, ପିନ୍ : ୭୬୦୦୦୩
ଇମେଲ୍ : djmv.ngo@gmail.com


# ଜୈବିକ ଖତସାର




Divya Jyoti Mahila Vikash
Markandi, Ganjam

Supported by
Australian High Commission
New Delhi